# ଭାରତୀୟ ଜନତା ପାର୍ଟି, ଓଡିଶା

## ଆଜିଠୁ ପୁରୀରେ ମହିଳା ମୋର୍ଚ୍ଚାର

## ୩ ଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ : ବିଜେପି

- **ଆଜି ସଂଧ୍ୟାରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ପଦାଧିକାରୀ ବୈଠକ**
- **ଆସନ୍ତାକାଲି କାର୍ଯ୍ୟକାରିଣୀ ବୈଠକକୁ ଉଦଘାଟନ କରିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ ଶାହା**
- **କାର୍ଯ୍ୟକାରିଣୀ ବୈଠକରେ ୨୦୦ରୁ ଅଧିକ ପଦାଧିକାରୀ ଯୋଗ ଦେବେ**
- **ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ବ୍ୟଭିଚାର ବୃଦ୍ଧି ପାଉଥିବାବେଳେ ନବୀନ ସରକାର ଏନେଇ କୌଣସି ମନ୍ତବ୍ୟ ନରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ : ବିଜୟା ରାହାତକର୍**
- **ମାଁ ଓ ଭଉଣୀମାନଙ୍କ ମହିଳା ସୁରକ୍ଷା ଯାତ୍ରାକୁ ଅଭୁତପୂର୍ବ ସମର୍ଥନ ପରେ ଓଡିଶାରେ ଅନୁଷ୍ଠିତ ହେଉଛି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ : ବିଜୟା ରାହାତକର୍**

**ଭୁବନେଶ୍ୱର,ତା.୨୩/୯ :** ଆଜିଠୁ ପୁରୀରେ ଆରମ୍ଭ ହେବ ୩ ଦିନିଆ ମହିଳା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ । ଆଜି ସଂଧ୍ୟାରେ ମୋର୍ଚ୍ଚାର ରାଷ୍ଟ୍ରୀୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହେବ । ଏହା ପରେ ମୋର୍ଚ୍ଚାର ପ୍ରମୁଖ ବିଭାଗର ବୈଠକ ଅନୁଷ୍ଠିତ ହେବ । ଆସନ୍ତା କାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅମିତ ଶାହା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେବେ । ପ୍ରଥମେ ଶ୍ରୀ ଶାହା ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା ମହିଳା କାର୍ଯ୍ୟକର୍ତା ସମ୍ମିଳନୀରେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଏହା ପରେ ଶ୍ରୀ ଶାହା ଅପରାହ୍ନ ୩ଟାରେ ମହିଳା କାର୍ଯ୍ୟକାରିଣୀ ବୈଠକକୁ ଉଦ୍‌ଘାଟନ କରିବେ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ଶ୍ରୀମତୀ ବିଜୟା ରାହତକର କହିଛନ୍ତି ।

ଏହି କାର୍ଯ୍ୟକାରିଣୀ ବୈଠକରେ ମହିଳା ମୋର୍ଚ୍ଚାର ୨୦୦ରୁ ଉର୍ଦ୍ଧ ପଦାଧିକାରୀ ଯୋଗ ଦେବା ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ଜୁଏଲ ଓରାମ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା, ବିଧାୟକ ଦଳ ନେତା ଶ୍ରୀ କେ.ଭି ସିଂହଦେଓ, ମହିଳା ସୁରକ୍ଷାଯାତ୍ରାର ନେତୃତ୍ୱ ନେଇଥିବା ସମସ୍ତ ମହିଳା ନେତ୍ରୀମାନେ ଉପସ୍ଥିତ ରହିବେ ବୋଲି ଶ୍ରୀମତୀ ରାହତକର୍ କହିଛନ୍ତି ।

ଓଡିଶା ସରକାର ସଂପୂର୍ଣ୍ଣ ମହିଳା ବିରୋଧୀ । ରାଜ୍ୟର ମା' ଭଉଣୀମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା  ଦେବାରେ ରାଜ୍ୟ ସରକାର ସଂପୂର୍ଣ୍ଣଭାବେ ଫେଲ୍ ମାରିଛନ୍ତି । ମହିଳାଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ  ଗ୍ରହଣ କରିନାହାଁନ୍ତି । ଏହାକୁ ବିରୋଧ କରି ରାଜ୍ୟ ମହିଳା ମୋର୍ଚ୍ଚା ପକ୍ଷରୁ ଏକ ସଚେତନତା ବାର୍ତା ମାଧ୍ୟମରେ ୯ ହଜାର କି.ମିର ମହିଳା ସୁରକ୍ଷାଯାତ୍ରା ବାହାରିଥିଲା । ସ୍ୱତଃପ୍ରବୃତ ଭାବେ ଏହି ଯାତ୍ରାକୁ ମହିଳାମାନେ ବ୍ୟାପକ ସମର୍ଥନ କରିଥିଲେ । ସେଥିଲାଗି ଓଡିଶାରେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଅୟୋଜିତ କରାଯାଇଛି ବୋଲି ଶ୍ରୀମତୀ ରାହତକର୍ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ରାଜନୈତିକ, ମହିଳା ନୀତି ତଥା ମହିଳାଙ୍କ ପାଇଁ ହୋଇଥିବା ଯୋଜନା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳଜୀଙ୍କ ପାଇଁ ଶୋକ ଭଳି ୩ ଟି ପ୍ରସ୍ତାବ ରହିବ । ଏହି କାର୍ଯ୍ୟସମିତିରେ ବିଜେଡି ସରକାରର ଅପାରଗତା ବିରୁଦ୍ଧରେ ଆଲୋଚନା ହେବା ସହ ଦେଶର ମହିଳାମାନଙ୍କୁ ନୂତନ ଦିଶା ଦିଆଯିବାର ରୋଡମ୍ୟାପ ପ୍ରସ୍ତୁତ କରାଯିବ ବୋଲି ଶ୍ରୀମତୀ ରାହତକର୍ କହିଛନ୍ତି ।

ଓଡିଶା ସହ ଦେଶର ସବୁ ରାଜ୍ୟର ବୁଥ୍ ମଜବୁତ୍ ହେବ । ଆଗାମୀ ନିର୍ବାଚନ ଲାଗି ଦେଶର ପ୍ରତି ବୁଥରେ ବିଜେପି ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତାମାନେ ଉପସ୍ଥିତ ରହିବେ । ଦେଶର ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି । ବେଟି ବଚାଓ ବେଟି ପଢାଓ, ମୁଦ୍ରା , ସ୍ୱଚ୍ଛ ଭାରତ, ସୁକନ୍ୟା ସମୃଦ୍ଧି , ଉଜ୍ଜଳା ଯୋଜନା ଆଦି  ମାଧ୍ୟମରେ କୋଟି କୋଟି ମହିଳା ଉପକୃତ ହୋଇଛନ୍ତି । ସେହିପରି ମୋଦି ସରକାର ଟ୍ରିପଲ ତଲାକକୁ ଉଚ୍ଛେଦ କରି ପାଖାପାଖି ଦେଶର ୮ କୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସେମାନଙ୍କ ଅଧିକାର ପ୍ରଦାନ କରିବା ସହ ପସ୍କୋ ଆକ୍ଟରେ ସଂଶୋଧନ ଆଣି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି କିନ୍ତୁ ରାଜ୍ୟରେ ମହିଳାଙ୍କ ପ୍ରତି ଅତ୍ୟାଚାର ଓ ବ୍ୟଭିଚାର ବୃଦ୍ଧି ପାଉଥିବାବେଳେ ନବୀନ ସରକାର ଏନେଇ କୌଣସି ମନ୍ତବ୍ୟ ନରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀମତୀ ରାହତକର୍ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସୁରମା ପାଢୀ, ରାଜ୍ୟ ସଂପାଦିକା ସୀମନ୍ତିନୀ ଜେନା ଓ ମହିଳା ମୋର୍ଚ୍ଚା ସାଧାରଣ ସଂପାଦିକା ବବିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**